# Akashvani, Sambalpur

# SAMBALPURI NEWS MORNING BULLETIN

# 28 April 2026 - 6.47- 6.52 am.

---

ଭୂ-ରାଜସ୍ୱ ମାଫ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଅଧିଗ୍ରହିତ୍ ଜମି ବାବଦ୍ ଭୂ-ରାଜସ୍ୱ ମାଫ୍ ଆଉ ଜମି ପଟ୍ଟା ସଂଶୋଧନ୍ କାମ୍‌କେ ତୁର୍‌ତି କର୍‌ବାର୍ ଲାଗି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାପାଳ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ଆଏବା ମେ ୩୦ ତାରିଖ୍‌ତକ୍ ବାକିଥିବା ମାମ୍‌ଲାମାନ୍‌କର୍ ସମାଧାନ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଛନ୍ । ସବୁ ଜିଲ୍ଲାପାଳ୍‌ମାନେ ତହସିଲ୍‌ଦାର୍‌ମାନ୍‌କର୍ ଜରିଏ ଇ କାମ୍ କର୍‌ବେ । ଆଉ ଆର୍‌ଡିସି ମାନେ ଫି’ ୨ ମାସେ ସେତାର୍ ସମୀକ୍ଷା କର୍‌ବେ ବଲି ଜନାପଡ଼ିଛେ । ସଂଶୋଧିତ୍ ରେକର୍ଡ଼ ନାଇଁଥିବା ବିବାଦୀୟ ଜମିର୍ ଘିନାବିକା ରୁକ୍‌ବାର୍ ଆଉ ଫଟିକ୍ ରାଜସ୍ୱ

ପ୍ରଶାସନ୍‌କେ ସୁନିଶ୍ଚିତ୍ କର୍‌ବାର୍‌ଟା ଇ ପଦକ୍ଷେପ୍‌ର ଲକ୍ଷ୍ୟ ଆଏ ବଲି ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ ।

ମୁଖ୍ୟମନ୍ତ୍ରୀ-କେନ୍ଦୁଝର୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ତାଙ୍କର୍ କେନ୍ଦୁଝର୍ ଗସ୍ତର୍ ୨ ନମ୍ବର୍ ଦିନେ ଜିଲ୍ଲା ନ ୧ ହଜାର୍ ୬ ଶହ ୪୭ କୋଟି ଟଙ୍କା ଖର୍ଚ୍ଚାଥି କେନ୍ଦୁଝର୍ ବିଦ୍ୟୁତ୍ ଶକ୍ତି ବ୍ୟବସ୍ଥାର୍ ସମ୍ପ୍ରସାରଣ୍‌ର୍ ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ । ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ ୪ ଶହ/ ୨ ଶହ ୨୦ କେଭି ନୂଆଁ ଗ୍ରୀଡ୍ ସବ୍‌ଷ୍ଟେସନ୍, ୨ ଶହ ୨୦ କେଭିର ୨ ଟା ଗ୍ରୀଡ୍ ସବ୍‌ଷ୍ଟେସନ୍ ଆଉ ୫ ଟା ଟ୍ରାନ୍ସମିସନ୍ ଲାଇନ୍‌ର ଶିଳାନ୍ୟାସ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, କେନ୍ଦୁଝର୍ ସାଂସଦ୍ ଅନନ୍ତ ନାୟକ୍, ଚମ୍ପୁଆ ବିଧାୟକ୍ ସନାତନ୍ ମହାକୁଡ୍ ଆଉ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଆଉ ତେଲ୍‌କୋଇ ବିଧାୟକ୍ ଡକ୍ଟର୍ ଫକୀର୍ ମୋହନ୍ ନାୟକ୍ ପ୍ରମୁଖ ଉପସ୍ଥିତ୍ ରହେବେ ।

ତର୍ପଣ୍ ଶିଳାସ୍ତମ୍ଭ ସ୍ଥାପନା        ଆର୍ଏନ୍ୟୁ/ ସମ୍ବଲପୁର

କଲିଙ୍ଗ ଯୁଦ୍ଧ ପୁରଥିର୍ ଇତିହାସ୍‌ଥି ଗୁଟେ ଯୁଗାନ୍ତକାରୀ ଘଟ୍‌ନା ଆଏ । ଇ ଐତିହ୍ୟକେ ସୁର୍‌ତା କର୍‌ବାର୍ ଉଦ୍ଦେଶ୍ୟଥି ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଗୁଟେ କମିଟି ଗଠନ୍ କରାଯାଇଛେ । ଧଉଳିଠାନେ ହେଇଥିବା ବୈଠକ୍‌ଥି କମିଟି ସଦସ୍ୟମାନେ କଲିଙ୍ଗ ଯୁଦ୍ଧଥି ଶହୀଦ୍ ହେଇଥିବା କଲିଙ୍ଗର୍ ସୈନ୍ୟ ମାନ୍‌କର୍ ସ୍ମୃତି ରକ୍ଷା ଲାଗି ଧଉଳି ଠାନେ ତର୍ପଣ୍ ଶିଳାସ୍ତମ୍ଭ ସ୍ଥାପନା କର୍‌ବାର୍ ବାବ୍‌ଦେ ପ୍ରସ୍ତାବ୍ ଦେଇଥିଲେ । ଇଥିର୍‌ଲାଗି ସଦସ୍ୟ ମାନେ ଦୟାନଦୀ ଖଁଡ଼ି ନ ଶିଳାସ୍ତମ୍ଭ ଥାପ୍‌ନା ଲାଗି ଜାଗା ବୁଲି ଦେଖିଥିଲେ ଆଉ ପ୍ରକଳ୍ପର୍ ରୂପରେଖ ବାବ୍‌ଦେ ଆଲୋଚନା କରିଥିଲେ । ଇତାର୍‌ସହେତେ ସଂଗ୍ରହାଳୟ, ତାରୁବାକି ମନ୍ଦିର୍ ଆଉ ଆମ୍ଫି ଥିଏଟର୍ ତିଆର୍ ଲାଗି ଭିଲ୍ ପଦକ୍ଷେପ୍ ନେବାର୍‌କେ ଆଲୋଚନା ହେଇଛେ ।

ମେଟ୍ରିକ୍ ପରୀକ୍ଷାଫଲ୍        ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ ମେଟ୍ରିକ୍ ପରୀକ୍ଷାଫଲ୍ ଆଏବା ମାସ ପହେଲା ହପ୍ତାଥି ବାହାରିବା ବଲି ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚ୍‌ନା ଦେଇଛନ୍ ।

(ଭଏସ୍ ଓଭର୍- ନିତ୍ୟାନନ୍ଦ ଗଣ୍ଡ)

ଇଥିର୍‌ଲାଗି ବୋର୍ଡ଼ ତର୍‌ଫୁ ସବୁ ପ୍ରକାର୍ ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ । ପରୀକ୍ଷାଫଲ୍ ବାହାର୍ କର୍‌ବାର୍ ପ୍ରକ୍ରିୟାକେ ନିର୍ଭୁଲ୍ କର୍‌ବାର୍ ଲାଗି ବୋର୍ଡ଼ ତର୍‌ଫୁ ଲକ୍ଷ୍ୟ ରଖାଯାଇଛେ । ରାଏଜେ ମେଟ୍ରିକ୍ ପରୀକ୍ଷା ଲାଗି ରେଗୁଲାର୍ ଆଉ ଏକ୍ସ ରେଗୁଲାର୍ ମିଶିକରି ୫ ଲାଖ୍ ୪୮ ହଜାର୍ ପରୀକ୍ଷାର୍ଥୀ ଆବେଦନ୍ କରିଥିଲେ । ରାଏଜେ ଗଲା ଫେବୃଆରୀ ୧୯ ତାରିଖ୍‌ନୁ ପରୀକ୍ଷା ମୁଲ୍ ହେଇଥିଲା ।

ମଧୁସୂଦନ୍ ଦାସ୍ ଜୟନ୍ତୀ       ଆଇ ଆଣ୍ଡ୍ ପି.ଆର୍

ଉତ୍କଳ ଗୌରବ ମଧୁସୂଦନ୍ ଦାସ୍‌ଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ଆଏଜ୍ ସାରା ରାଏଜେ ପାଲନ୍ କରାଯାଉଛେ । ମଧୁବାବୁ ଥିଲେ ଓଡ଼ିଆ ଜାତିର ଗର୍ବ ଆର୍ ଗୌରବ୍ । ଉତ୍କଳ ଗୌରବ୍ ମଧୁବାବୁଙ୍କର୍ ସ୍ମୃତିକେ ସମ୍ମାନ୍ ଦେବାର୍ ସହେତେ ତାଁକର୍ କାମ୍

ମାନ୍‌କୁ ଆଏବା ପିଢ଼ି ଲାଗି ସୁରକ୍ଷିତ ରଖ୍‌ବାର୍‌କେ ସର୍‌କାରୀସ୍ତର୍‌ଥି ଭିନ୍ ଭିନ୍ ପଦ୍‌କ୍ଷେପ୍ ନିଆଯାଉଛେ ।
ଇ ଅବ୍‌ସରେ ଆଏଜ୍ ସଖାଲ୍‌ବେଲା ଭୁବ୍‌ନେଶ୍ୱର୍ ରାଜଭବନ୍ ଛକ ନ ଥିବା ତାଙ୍କର୍ ପ୍ରତିମୂର୍ତିଥି ବିଶିଷ୍ଟ ଅତିଥି ମାନେ ମାଲ୍ୟାର୍ପଣ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଉପର୍‌ବେଲା ଜୟଦେବ୍ ଭନ୍ ଠାନେ କବିତା ପାଠୋତ୍ସବ୍ ଆଉ ସାଧାରଣ୍ ସଭାର୍ ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ବିଧାନ୍‌ସଭା ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଇଟ୍ ରାଇଟ୍ ଷ୍ଟେସନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ନିରାପଦ୍ ଆଉ ସଫା ଖାଏବାର୍ ଅଭ୍ୟାସ୍‌କେ ତହଁକାବାର୍ ଦିଗେ ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍ ଅଧୀନ୍‌ଥି ଥିବା ସମ୍ବଲ୍‌ପୁର୍-ଟିଟିଲାଗଡ଼୍ ଆଉ ବର୍‌ଗଡ଼୍ ରୋଡ଼୍ ରେଲ୍‌ଷ୍ଟେସନ୍‌କେ ଇଟ୍ ରାଇଟ୍ ଷ୍ଟେସନ୍ ପ୍ରମାଣ୍‌ପତ୍ର ମିଳିଛେ । ୩୦ ମାର୍ଚ୍ଚ, ୨୦୨୬ ନୁ ୨୯ ମାର୍ଚ୍ଚ, ୨୦୨୮ ତକ୍ ଭାରତୀୟ ଖାଦ୍ୟ ସୁରକ୍ଷା ଆଉ ମାନକ ପ୍ରାଧିକରଣ୍ ତର୍‌ଫୁ ଜାରି ହେଇଥିବା ମାର୍ଗଦର୍ଶିକା ଅନ୍‌ସାରେ ଇ ପ୍ରମାଣ୍‌ପତ୍ର

ଦିଆଯାଇଛେ । ଇ ଅବ୍‌ସରେ ସମ୍ବଲ୍‌ପୁର୍ ମଣ୍ଡଳ ରେଲ୍ ପ୍ରବନ୍ଧକ୍ ସୁବାସ ଚୌଧୁରୀ ସମ୍ପୃକ୍ତ ଅଧିକାରୀମାନ୍‌କୁ ଅଭିନନ୍ଦନ୍ ଜନାବାର୍ ସହେତେ ପ୍ରମାଣ୍‌ପତ୍ର ହସ୍ତାନ୍ତର୍ କରିଛନ୍ ।

ପୁରୁଷ ରୋଲ୍‌ବଲ୍ ଚମ୍ପିଆନ୍‌ସିପ          ଆର୍‌ଏନ୍‌ୟୁ/ ସମ୍ବଲପୁର

ମେଘାଲୟର୍ ସିଲଙ୍ଗ୍ ଠାନେ ହେଇଥିବା ଜାତୀୟ ପୂର୍ବାଂଚଲ୍ ସିନିୟର୍ ପୁରୁଷ ରୋଲ୍‌ବଲ୍ ଚମ୍ପିଆନ୍‌ସିପ୍‌ଥି ଓଡ଼ିଶା ଦଲ୍ ବ୍ରୋଂଚ୍ ପଦକ୍ ହାସଲ୍ କରିଛେ । ସିନିୟର୍ ବର୍ଗଥି ପହେଲାଥର୍ ଲାଗି ପଦକ୍ ଜିତିକରି ଓଡ଼ିଶା ଦଲ୍ ରାଜ୍ୟ ଲାଗି ଗୌରବ୍ ଆନିଛେ । ଇ ଐତିହାସିକ୍ ସଫଲତା ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଓଡ଼ିଶା ଦଲ୍‌କେ ଶୁଭେଚ୍ଛା ଜନେଇଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଭିନ୍ ଭିନ୍ ଜାଗା ନ ତାପମାତ୍ରା ବଢ଼୍‌ବାର୍‌କେ ଲାଗିଛେ । ଖାସ୍ କରି ରାଜ୍ୟର୍ ପଶ୍ଚିମ ଆଉ ଉତର୍ ଭାଗେ

ତାପମାତ୍ରା ଅଏତ୍‌କା ରହୁଛେ । ସମୁଦ୍ରଖଁଡ଼ି ଇଲାକାମାନ୍‌କେ ଜବର୍ ଗୁଲ୍‌ଗୁଲି ହେଉଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଜବର୍ ଗରମ୍ ଆଉ ଗୁଲଗୁଲିକେ ନେଇକରି ୧୧ ଟା ଜିଲ୍ଲା ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା ୨ ଦିନ୍ ଲାଗି ଝାର୍‌ସୁଗୁଡ଼ା, ସୋନ୍‌ପୁର, ବୌଦ୍ଧ, ବଲାଙ୍ଗିର୍, କଳାହାଣ୍ଡି ଆଉ ନୟାଗଡ଼୍ ଜିଲ୍ଲାକେ ହିଟ୍‌ୱେଭ୍ ୱାର୍ଣ୍ଣିଂ ଜାରି କରାଯାଇଛେ ।
ଦକ୍ଷିଣ ଆଉ ଉତର୍ ଇଲାକାର୍ କେତେଟା ଜାଗା ନ ଆଏଜ୍ କାଲ୍‌ବୈଶାଖୀର୍ ବଲେ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେଇପାରେ ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।